# NATIONAL NEWS BULLETIN (ODIA)
## 23 March - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ତାଙ୍କର ଭୁଟାନ୍ ଗସ୍ତ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି ।
- ଉତ୍ତରପ୍ରଦେଶରେ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ହେବ ।
- ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି ।
- ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାର ଏଥରକ ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ ।

ଏବଂ

- ରୁଷ ସନ୍ତ୍ରାସବାଦୀ ଆକ୍ରମଣର ଆନ୍ତର୍ଜାତିକ ସମ୍ପ୍ରଦାୟ ତୀବ୍ର ନିନ୍ଦା କରିଛନ୍ତି ।

# ଇଣ୍ଡିଆ-ଭୁଟାନ୍

ପ୍ରଧାନମନ୍ତ୍ରୀ ତାଙ୍କର ଭୁଟାନ୍ ଗସ୍ତ ଶେଷ କରି ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଭୁଟାନ୍ ରାଜା ଜିଗ୍‌ମେ ଖେଶର୍ ନାମ୍‌ଗେଲ୍ ଓ୍ୱାଙ୍ଗ୍‌ଚୁକ୍ ଓ ଭୁଟାନ୍ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ବିମାନ ବନ୍ଦର ଠାରେ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭୁଟାନ୍ ରାଜାଙ୍କର ଏହି କାର୍ଯ୍ୟରେ ସେ ସମ୍ମାନିତ ହୋଇଛନ୍ତି । ତାଙ୍କର ଭୁଟାନ୍ ଗସ୍ତର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି । ସେ ଭୁଟାନ୍ ରାଜା ଓ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିବାର ସୁଯୋଗ ପାଇଛନ୍ତି । ଭୁଟାନ୍ ନେତାମାନଙ୍କ ସହ ତାଙ୍କର କଥାବାର୍ତ୍ତା ଭାରତ-ଭୁଟାନ୍ ବନ୍ଧୁତାରେ ବିକାଶ ଆଣିବ । ତାଙ୍କୁ ଅର୍ଡର୍ ଅଫ୍ ଦ ଡ୍ରକ୍ ଗ୍ୟାଲ୍‌ପୋରେ ସମ୍ମାନିତ କରାଯାଇଥିବାରୁ ଶ୍ରୀ ମୋଦୀ କୃତଜ୍ଞତା ଜଣାଇଛନ୍ତି । ଭୁଟାନ୍ ଜନସାଧାରଣଙ୍କ ସ୍ନେହ ଓ ସଦିଚ୍ଛା ପାଇଁ ଧନ୍ୟବାଦ ଜଣାଇ ସେ କହିଛନ୍ତି, ଭାରତ ସର୍ବଦା ଭୁଟାନ୍‌ର ଏକ ବିଶ୍ୱସ୍ତ ବନ୍ଧୁ ଓ ଭାଗିଦାର ରହିବ ।

ଆଜି ଶ୍ରୀ ମୋଦୀ ଓ ଭୁଟାନ୍ ପ୍ରଧାନମନ୍ତ୍ରୀ ଥିମ୍ପୁ ଠାରେ ଏକ ହସ୍ପିଟାଲ୍‌କୁ ଉଦ୍‌ଘାଟନ କରିଥିଲେ । ସେହି ହସ୍ପିଟାଲ୍ ଭାରତ ସହାୟତାରେ ନିର୍ମିତ ହୋଇଛି ।

# ୟୁ.ପି.-ଇଲେକ୍‌ସନ୍

ଉତ୍ତରପ୍ରଦେଶରେ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ । ଉତ୍ତରପ୍ରଦେଶର ଲୋକସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକର ସଂଖ୍ୟା ହେଉଛି ୮୦ । ଉତ୍ତରପ୍ରଦେଶରେ ବିଜେପି ସରକାର ଶାସନ କ୍ଷମତାରେ ଅଛି । ରାଜ୍ୟରେ ସମାଜବାଦୀ ପାର୍ଟି, ବହୁଜନ ସମାଜପାର୍ଟି, କଂଗ୍ରେସ ଓ ରାଷ୍ଟ୍ରୀୟ ଲୋକଦଳ ଏବଂ ଅପନା ଦଳ ଭଳି ପାର୍ଟି ଗୁଡ଼ିକ ରହିଛି ।

୨୦୧୪ ଲୋକସଭା ନିର୍ବାଚନରେ ଏନ୍.ଡି.ଏ. ୭୩ଟି ଆସନରେ ବିଜୟୀ ହୋଇଥିଲା । ୨୦୧୯ରେ ଏହି ସଂଖ୍ୟା ୬୨କୁ ହ୍ରାସ ପାଇଥିଲା । ବିଜେପିର ମେଣ୍ଟ ଦଳ ଅପ୍‌ନା ଦଳ ଦୁଇଟି ଆସନରେ ବିଜୟୀ ହୋଇଥିଲା । ପରେ ରାମପୁର ଓ ଆଜମଗଡ଼ ଉପନିର୍ବାଚନରେ ବିଜେପି ବିଜୟୀ ହୋଇଥିଲା । ଫଳରେ ଏନ୍.ଡି.ଏ. ୬୬ଟି ଆସନ ପାଇଥିଲା । ବି.ଏସ୍.ପି. ୧୦ଟି ଆସନ ଓ ସମାଜବାଦୀ ପାର୍ଟି ୫ଟି ଆସନ ପାଇଥିଲା । ସମାଜବାଦୀ ପାର୍ଟି ପାଖରେ ତିନୋଟି ଲୋକସଭା ଆସନ ଅଛି ଓ କଂଗ୍ରେସ ପାଖରେ ଗୋଟିଏ ଲୋକସଭା ଆସନ ଅଛି । ମତଦାନ ପ୍ରତିଶତ ଦୃଷ୍ଟିରୁ ବିଜେପିକୁ ଶତକଡ଼ା ୫୦ ଭାଗ ଭୋଟ ମିଳିଥିଲା, ବି.ଏସ୍.ପି ଶତକଡ଼ା ୧୯ ଦଶମିକ୍ ୪ ଭାଗ, ସମାଜବାଦୀ ପାର୍ଟି

ଶତକଡ଼ା ୧୮ ଭାଗ ଓ ଆର୍.ଏଲ୍.ଡି. ଶତକଡ଼ା ୧ ଦଶମିକ୍ ୭ ଭାଗ ଭୋଟ୍ ପାଇଥିଲା । ଏଥରକର ନିର୍ବାଚନ ପାଇଁ ବିଜେପି, ଏସ୍.ପି., ବି.ଏସ୍.ପି. ଓ କଂଗ୍ରେସ ସେମାନଙ୍କର ପ୍ରସ୍ତୁତି ସମ୍ପୂର୍ଣ୍ଣ କରିଛନ୍ତି । ଉତ୍ତର ପ୍ରଦେଶରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ବିଜେପି ଓ ଏସ୍.ପି.-କଂଗ୍ରେସ ମେଣ୍ଟ ମଧ୍ୟରେ ହେବ । ଆର୍.ଏଲ୍.ଡି. ବିଜେପି ସହ ରହିଛି ।

ବଡ଼ ବଡ଼ ରାଜନୈତିକ ଦଳମାନେ ସେମାନଙ୍କର ଅଧିକାଂଶ ପ୍ରାର୍ଥୀମାନଙ୍କର ନାମ ଘୋଷଣା କରିଛନ୍ତି । ଗତ ୨ ତାରିଖରେ ବିଜେପି ୫୧ ଜଣଙ୍କର ନାମ ଥିବା ଏହାର ପ୍ରଥମ ତାଲିକା ପ୍ରକାଶ କରିଥିଲା । ସେଥିରେ ୪୭ ଜଣ ଉପସ୍ଥିତ ସାଂସଦଙ୍କୁ ଟିକଟ ମିଳିଥିଲା । କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ଲକ୍ଷ୍ନୌରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ତାଙ୍କ ବିରୁଦ୍ଧରେ ସମାଜବାଦୀ ପାର୍ଟି ରବିଦାସ ମେହରୋତ୍ରାଙ୍କୁ ଛିଡ଼ା କରାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରଣସୀରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ଏସ୍.ପି.ର ଡିମ୍ପଲ୍ ଯାଦବ ମୈନ୍‌ପୁରୀ ଓ ଶିବପାଲ ଯାଦବ ବଦାୟୁଁରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ବିଜେପି ଭୋଜପୁରୀ ଅଭିନେତା ରବି କିଶନ୍‌ଙ୍କୁ ଗୋରଖପୁରରୁ ଛିଡ଼ା କରାଇଛି । ତାଙ୍କ ବିପକ୍ଷରେ ଏସ୍.ପି.ର ଭୋଜପୁରୀ ଅଭିନେତ୍ରୀ କାଜଲ ନିଶାଦ ଛିଡ଼ା ହୋଇଛନ୍ତି ।

ପଶ୍ଚିମ ଉତ୍ତରପ୍ରଦେଶର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ବାଚନ ମଣ୍ଡଳୀ ମୁଜାଫର ନଗରରୁ ସଞ୍ଜୀବ ବଲିୟାଁ ଛିଡ଼ା ହୋଇଛନ୍ତି । ତାଙ୍କ ବିପକ୍ଷରେ ଏସ୍.ପି.ର ହରେନ୍ଦ୍ର ମଲିକ ଛିଡ଼ା ହୋଇଛନ୍ତି । ବିଜେପି ମହେଶ ଶର୍ମାଙ୍କୁ

ଗୌତମବୁଦ୍ଧ ନଗରରୁ ଛିଡ଼ା କରାଇଛି । ହେମାମାଳିନୀ ମଧ୍ୟ ମଥୁରାରରୁ ଛିଡ଼ା ହୋଇଛନ୍ତି ।

## ଡବ୍ଲୁବି-ଇଲେକ୍ସନ

ପଶ୍ଚିମବଙ୍ଗର ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ ୨୭ ତାରିଖ ରହିଛି । ଏପ୍ରିଲ୍ ୧୯ ତାରିଖରେ ଅଲୀପୁରଦୁଆର, ଜଲପାଇଗୁଡ଼ି ଓ କୁଚ୍‌ବିହାରରେ ମତଦାନ ହେବ । ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ମୁତୟନ ହୋଇସାରିଛନ୍ତି । ସାଧାରଣ ଓ ପୋଲିସ୍ ପର୍ଯ୍ୟବେକ୍ଷକମାନେ ଖୁବ୍‌ଶୀଘ୍ର ସେଠାରେ ଯାଇ ପହଞ୍ଚିବେ । ପଶ୍ଚିମବଙ୍ଗର ସମସ୍ତ ରାଜନୈତିକ ଦଳ ବହୁମାତ୍ରାରେ ଆଶାବାଦୀ ହୋଇପଡ଼ିଛନ୍ତି । ଅବାଧ ଓ ନିରପେକ୍ଷ ନିର୍ବାଚନକୁ ନିଶ୍ଚିତ କରିବା ଲାଗି କେନ୍ଦ୍ରୀୟ ନିର୍ବାଚନ ବାହିନୀ ଗୁଡ଼ିକ ପଶ୍ଚିମବଙ୍ଗରେ ଯାଇ ପହଞ୍ଚିଛନ୍ତି ।

ପଶ୍ଚିମବଙ୍ଗରେ ୭ଟି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ହେବ । ପଶ୍ଚିମବଙ୍ଗର ଲୋକସଭା ଆସନ ସଂଖ୍ୟା ହେଉଛି ୪୨ ।

# ବିଜେପି ଆପ୍

ଦିଲ୍ଲୀ ବିଜେପି ସଭାପତି ବୀରେନ୍ଦ୍ର ସଚ୍‌ଦେବା ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନ ଏବଂ ଅନ୍ୟ ନେତାମାନେ ରାଜଘାଟ ଠାରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ କରିବାକୁ ସେମାନେ ସଂକଳ୍ପ ନେଇଛନ୍ତି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଇସ୍ତଫା ଦେବାକୁ ସେମାନେ ଦାବି କରିଛନ୍ତି ।

ଇତିମଧ୍ୟରେ ଅରବିନ୍ଦ କେଜରିୱାଲଙ୍କ ପତ୍ନୀ ସୁନୀତା କେଜରିୱାଲ ଆଜି ଶ୍ରୀ କେଜରିୱାଲଙ୍କ ସନ୍ଦେଶକୁ ପାଠ କରି ପାର୍ଟି କର୍ମୀମାନଙ୍କୁ ଶୁଣାଇଛନ୍ତି । ଶ୍ରୀ କେଜରିୱାଲ କହିଛନ୍ତି ସେ ଜେଲ୍‌ରେ ରହନ୍ତୁ କି ବାହାରେ ରହନ୍ତୁ, ସର୍ବଦା ଦେଶସେବା ପାଇଁ ନିଜକୁ ଉତ୍ସର୍ଗ କରିବେ ।

# ବିହାର-ମୀରାକୁମାର

ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଲୋକସଭା ବାଚସ୍ପତି ମୀରା କୁମାର ଏଥରକର ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି । ପାଞ୍ଚଥର ସାଂସଦ ରହିଥିବା ମୀରା କୁମାର ସାସାରାମ ସଂସଦୀୟ ନିର୍ବାଚନ ମଣ୍ଡଳୀରୁ ଅନେକବାର ପ୍ରତିନିଧିତ୍ୱ କରିଛନ୍ତି । ତାଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ଏହି ନିଷ୍ପତ୍ତି ବିଷୟରେ

ଘୋଷଣା କରିଛନ୍ତି । ବିହାରରେ ମହାମେଣ୍ଟ ଆସନ ବଣ୍ଟନକୁ ନେଇ ସେ ସନ୍ତୁଷ୍ଟ ଥିବାର ଜଣାପଡ଼ିଛି ।

## ଜେ.କେ.-ଇଲେକ୍ସନ୍ ହେଲ୍ପଲାଇନ୍

୨୦୨୪ ଲୋକସଭା ନିର୍ବାଚନ ଦୃଷ୍ଟିରୁ ଜାମ୍ମୁ କାଶ୍ମୀର ପୋଲିସ୍ ନିର୍ବାଚନ ହେଲ୍ପଲାଇନ୍ ସ୍ଥାପନ କରିଛି । କାଶ୍ମୀର ପୋଲିସ୍ କଣ୍ଟ୍ରୋଲ୍ ରୁମ୍ ଠାରେ ଏହାକୁ ସ୍ଥାପନ କରାଯାଇଛି । ଏହି କଣ୍ଟ୍ରୋଲ୍ ରୁମ୍‌ର ନମ୍ବର ହେଲା – **8899868589** । ଲୋକମାନେ ଦିନରାତି ୨୪ ଘଣ୍ଟା ଏହାକୁ ବ୍ୟବହାର କରିପାରିବେ । ଏଥିରୁ ସେମାନେ ନିର୍ବାଚନ ସମ୍ବନ୍ଧୀୟ ତଥ୍ୟ ପାଇପାରିବେ ।

## ସିବିଆଇ ମୋଇତ୍ରା

TMC ନେତା ମହୁଆ ମୋଇତ୍ରା ଜଡ଼ିତ ଥିବା ଅର୍ଥ ନେଇ ପ୍ରଶ୍ନ କରିବା ମାମଲାରେ CBI କୋଲକାତା ସମେତ ବିଭିନ୍ନ ସ୍ଥାନରେ ଖାନତଲାସି କରିଛି । ଖବର ଅନୁସାରେ CBI କୋଲକାତାସ୍ଥିତ ଶ୍ରୀମତୀ ମୋଇତ୍ରାଙ୍କ ବାସଭବନରେ ଖାନତଲାସି କରିଛି । ପୂର୍ବରୁ CBI ତାଙ୍କ ବିରୁଦ୍ଧରେ ଏକ FIR ରୁଜୁ କରିଥିଲା । ଏଥିପାଇଁ ଲୋକପାଳଙ୍କ ଠାରୁ

ନିର୍ଦ୍ଦେଶ ମିଳିଥିଲା । ୬ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଲୋକପାଳ CBIକୁ କହିଥିଲେ । ମହୁଆ ମୋଇତ୍ରାଙ୍କୁ ଗତବର୍ଷ ଡିସେମ୍ବର ମାସରେ ଲୋକସଭାରୁ ବରଖାସ୍ତ କରାଯାଇଥିଲା । ତାହା ପୂର୍ବରୁ ଏକ ସଂସଦୀୟ ନୈତିକ କମିଟି ତାଙ୍କୁ ବରଖାସ୍ତ କରାଯିବାକୁ ସୁପାରିଶ କରିଥିଲା । ଜଣେ ବ୍ୟବସାୟୀଙ୍କ ଠାରୁ ଅର୍ଥ ନେଇ ସେ ପାର୍ଲାମେଣ୍ଟରେ ପ୍ରଶ୍ନ ଉତ୍ଥାପନ କରିଥିବାର ଅଭିଯୋଗ ରହିଥିଲା ।

## ଋଷିଆ-ଆଟାକ୍ ରିଆକ୍ସନ୍

ରୁଷ ସନ୍ତ୍ରାସବାଦୀ ଆକ୍ରମଣର ଆନ୍ତର୍ଜାତିକ ସମ୍ପ୍ରଦାୟ ତୀବ୍ର ନିନ୍ଦା କରିଛନ୍ତି । ଏହି ଆକ୍ରମଣରେ ୧୧୫ ଜଣ ଲୋକ ପ୍ରାଣ ହରାଇଛନ୍ତି । ଜାତିସଂଘ ସେକ୍ରେଟେରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରସ୍ ମସ୍କୋର କ୍ରୋକସ୍ ସିଟି ହଲ୍ ଉପରେ ଗତ ରାତିରେ ହୋଇଥିବା ଏହି ଆକ୍ରମଣର ଘୋର ନିନ୍ଦା କରିଛନ୍ତି । ଜାତିସଂଘ ନିରାପତ୍ତା ପରିଷଦ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ରୁଷ ସରକାରଙ୍କୁ ସହଯୋଗ କରିବାକୁ ଆହ୍ୱାନ ଦେଇଛି । ଆକ୍ରମଣ ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରିଷଦ କହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମସ୍କୋରେ ହୋଇଥିବା ସନ୍ତ୍ରାସବାଦୀ ଆକ୍ରମଣର ତୀବ୍ର ନିନ୍ଦା କରିଛନ୍ତି । ଆମେରିକା, ୟୁରୋପୀୟ ସଂଘ, ବ୍ରିଟେନ୍, ଫ୍ରାନ୍ସ, ସ୍ପେନ୍ ଓ ସଂଯୁକ୍ତ ଆରବ ଏମିରେଟ୍ ଆକ୍ରମଣର ନିନ୍ଦା କରିଛନ୍ତି । ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍ ମୃତ ବ୍ୟକ୍ତିମାନଙ୍କ ପ୍ରତି ଶୋକବ୍ୟକ୍ତ କରି ସେମାନଙ୍କର ପରିବାର ଗୁଡ଼ିକୁ ସମବେଦନା ଜଣାଇଛନ୍ତି । ସ୍ପେନ୍ କହିଛି, ମସ୍କୋ ସନ୍ତ୍ରାସବାଦୀ ଆକ୍ରମଣ ଉପରେ ଏହା ମର୍ମାହତ ହୋଇଛି । ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି କହିଛନ୍ତି, ଏହା ଏକ ଘୃଣ୍ୟ ସନ୍ତ୍ରାସବାଦୀ କାର୍ଯ୍ୟ । ସେ ମୃତ ବ୍ୟକ୍ତିମାନଙ୍କ ପରିବାରକୁ ଶୋକ ବାର୍ତ୍ତା ଜଣାଇଛନ୍ତି ।

ଇସଲାମିକ୍ ଷ୍ଟେଟ୍ ଖୋରାସାନ୍ ଏହି ଆକ୍ରମଣ କରିଥିବାର ଦାବି କରିଛି । ରୁଷ କହିଛି, ୧୧ ଜଣ ଲୋକଙ୍କୁ ଗିରଫ୍ କରାଯାଇଛି । ସେମାନଙ୍କ ମଧ୍ୟରେ ୪ ଜଣ ବନ୍ଧୁକଦାରୀ ରହିଛନ୍ତି । ରୁଷର ଇନ୍‌ଭେଷ୍ଟିଗେଟିଭ୍ କମିଟି କହିଛି, ଆକ୍ରମଣରେ ମୃତ୍ୟୁ ସଂଖ୍ୟା ୧୧୫ରେ ପହଞ୍ଚିଛି । ବନ୍ଧୁକଧାରୀମାନେ ସ୍ୱୟଂଚାଳିତ ଅସ୍ତ୍ରରୁ ଆଖିବୁଜା ଗୁଳି ଚଳାଇଥିଲେ । ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ଅଛି । ହସ୍ପିଟାଲ୍ ସୂତ୍ରରୁ ମିଳିଥିବା ଖବର ଅନୁସାରେ ୧୨୦ରୁ ଅଧିକ ଲୋକ ଏଥିରେ ଆହତ ହୋଇଛନ୍ତି ।

# ସୋମାଲି ପାଇରେଟ୍‌ସ

ଭାରତୀୟ ନୌଜାହାଜ **କୋଲକାତା** ୩୫ ଜଣ ସୋମାଲିଆ ଜଳଦସ୍ୟୁଙ୍କ ସହ ଆଜି ମୁମ୍ବାଇରେ ଆସି ପହଞ୍ଚିଛି । ଏହି ଜାହାଜକୁ ଜଳଦସ୍ୟୁ ନିବାରଣ କାର୍ଯ୍ୟ ପାଇଁ ମୁତୟନ କରାଯାଇଥିଲା । ଜଳଦସ୍ୟୁମାନଙ୍କୁ ୟେଲୋ ଗେଟ୍ ପୋଲିସ୍‌କୁ ହସ୍ତାନ୍ତର କରାଯାଇଥିଲା । ସେହି ଜାହାଜଟି ଏଡେନ୍ ଉପସାଗରରେ ଜଳଦସ୍ୟୁ କାର୍ଯ୍ୟର ମୁକାବିଲା ପାଇଁ ମୁତୟନ ହୋଇଥିଲା ।

ଭାରତୀୟ ନୌବାହିନୀ ଜଳଦସ୍ୟୁମାନେ ଥିବା ଜାହାଜକୁ ଅଟକାଇଥିଲା ଓ **ଆଇଏନ୍‌ଏସ୍ କୋଲକାତା** ଏହାର ଡ୍ରୋନ୍ ସହାୟତାରେ ଜଳଦସ୍ୟୁମାନଙ୍କର ଉପସ୍ଥିତି ବିଷୟରେ ନିଶ୍ଚିତ ହୋଇଥିଲା । ଜଳଦସ୍ୟୁମାନଙ୍କ ଦ୍ୱାରା ଡ୍ରୋନ୍ ଗୁଡ଼ିକୁ ନଷ୍ଟ କରିବା ଓ ଗୁଳି ଚଳାଯିବା ସତ୍ତ୍ୱେ ଆଇଏନ୍‌ଏସ୍ କୋଲକାତା MV ରୁଏନ୍ ନାମକ ସେହି ଜାହାଜକୁ ଅଚଳ କରିଦେଇଥିଲା । ଗୁଳିବିନିମୟ ମଧ୍ୟରେ ଭାରତୀୟ ବିମାନ ବାହିନୀ କମାଣ୍ଡୋମାନେ ପାରାଚୁଟ୍ ସାହାଯ୍ୟରେ ଜାହାଜ ମଧ୍ୟକୁ ପ୍ରବେଶ କରିଥିଲେ ଓ ୩୫ ଜଣ ସୋମାଲିଆ ଜଳଦସ୍ୟୁଙ୍କୁ ଗିରଫ କରିଥିଲେ ।